ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/COVID-19(OD)/ 825/05-12-2020**

# ପ୍ରେସ୍ ବିବୃତି

**ଭୁବନେଶ୍ୱର :୦୫ ଡିସେମ୍ବର,୨୦୨୦**

➢ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଆଜି ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଓ ହସ୍ପିଟାଲ୍‌ର ବିଶ୍ୱସ୍ତରୀୟ ୱେବ୍‌ସାଇଟ୍, ପୁରାତନ ଛାତ୍ରସଂଘ ଏବଂ ଏହାର ୱେବ୍‌ସାଇଟ୍‌କୁ ଲୋକାର୍ପଣ କରିଛନ୍ତି । ଏହି ୱେବ୍‌ସାଇଟ୍ ଦ୍ୱାରା ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଓ ହସ୍ପିଟାଲ୍ ତା'ର ବିଶ୍ୱସ୍ତରୀୟ ଡିଜିଟାଲ୍ ଉପସ୍ଥିତି ଓ ପୁରାତନ ଛାତ୍ରସଂଘକୁ ପରିଚିତ କରାଇବ ବୋଲି ସନ୍ତୋଷ ବ୍ୟକ୍ତ କରିବା ସହିତ ମାନ୍ୟବର ମୁଖ୍ୟମନ୍ତ୍ରୀ ୫–'ଟି' ସୂତ୍ର ଆଧାରରେ ଏହି ଅନୁଷ୍ଠାନକୁ ବିଶ୍ୱସ୍ତରୀୟ କରାଯିବ ଏବଂ ଏହା ସମସ୍ତଙ୍କୁ ଆକର୍ଷିତ କରିବ ବୋଲି ଉଲ୍ଲେଖ କରିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ ପୁନର୍ବାର କହିଛନ୍ତି ଯେ ୭୬ ବର୍ଷରୁ ଊର୍ଦ୍ଧ୍ୱକାଳ ଧରି ସେବା ଯୋଗାଇବାର ଗୌରବମୟ ଇତିହାସ ବହନ କରିଥିବା ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଓ ହସ୍ପିଟାଲ୍ ଦେଶର ପୁରାତନ ସ୍ୱାସ୍ଥ୍ୟାନୁଷ୍ଠାନମାନଙ୍କ ମଧ୍ୟରେ ଅନ୍ୟତମ, ଏପରି କି ବିଶ୍ୱର ଅନେକ ସ୍ୱାସ୍ଥ୍ୟାନୁଷ୍ଠାନ ମଧ୍ୟରେ ପୁରାତନ । ସେ ପୁଣି କହିଛନ୍ତି ଯେ ବର୍ତ୍ତମାନର କୋଭିଡ୍–୧୯ ସଂକଟ କାଳରେ ଏହା ସାରା ରାଜ୍ୟରେ ଆନୁଷ୍ଠାନିକ ଦକ୍ଷତା ବୃଦ୍ଧିରେ ସହାୟକ ହୋଇଛି । ଗତ ୭୬ ବର୍ଷ ମଧ୍ୟରେ ଏହି ଅନୁଷ୍ଠାନ ଲକ୍ଷାଧିକ ଲୋକଙ୍କ ସେବା କରିଛି ଏବଂ ଗତ ୧୦ ବର୍ଷ ମଧ୍ୟରେ ୧୭ ନିୟୁତ ଲୋକଙ୍କୁ ସେବା ଯୋଗାଇପାରିଛି ।

- ମାନ୍ୟବର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଶ୍ରୀ ନବକିଶୋର ଦାସ, ମୁଖ୍ୟ ଶାସନ ସଚିବ ଶ୍ରୀ ଅସିତ ତ୍ରିପାଠୀ, ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ପରାମର୍ଶଦାତା ଶ୍ରୀ ଆର୍. ବାଲ୍‌କ୍ରିଷ୍ଣନ୍, ଉନ୍ନୟନ କମିଶନର ଶ୍ରୀ ସୁରେଶ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ମୁଖ୍ୟ ଶାସନ ସଚିବ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଶ୍ରୀ ପ୍ରଦୀପ୍ତ କୁମାର ମହାପାତ୍ର ଉପସ୍ଥିତ ଥିବାବେଳେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ସଚିବ (୫–'ଟି') ଶ୍ରୀ ଭି.କେ. ପାଣ୍ଡିଆନ୍ କାର୍ଯ୍ୟକ୍ରମ ସଂଚାଳନ କରିଥିଲେ ।

➢ ମାନ୍ୟବର ମୁଖ୍ୟମନ୍ତ୍ରୀ ଅନ୍ତର୍ଜାତୀୟ ସ୍ୱେଚ୍ଛାସେବୀ ଦିବସ ଅବସରରେ କହିଛନ୍ତି ଯେ ସମଗ୍ର ବିଶ୍ୱ କୋଭିଡ୍–୧୯ ପରି ବୃହତ୍ତମ ସ୍ୱାସ୍ଥ୍ୟ ସମସ୍ୟାକୁ ମୁକାବିଲା କରୁଥିବାବେଳେ ଲକ୍ଷାଧିକ ସ୍ୱେଚ୍ଛାସେବୀ ଆଗଧାଡ଼ିର ଯୋଦ୍ଧା ଏବଂ ସମ୍ବେଦନଶୀଳ ଲୋକମାନଙ୍କୁ ସହାୟତାର ହାତ ବଢ଼ାଇବାକୁ ଆଗେଇ ଆସିଛନ୍ତି । ଏହି

ମହାମାରୀ ସମୟରେ ଆମର ସାମାଜିକ ଏକତାକୁ ସୁଦୃଢ଼ ରଖିବା ପାଇଁ ଆଗେଇ ଆସିଥିବା ସ୍ୱେଚ୍ଛାସେବୀମାନଙ୍କ ପ୍ରତି ସେ ସମ୍ମାନ ଜଣାଇଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ କୋଭିଡ୍-୧୯ ନିରାକରଣ ଓ ପରିଚାଳନା ପାଇଁ ରାଜ୍ୟ ସରକାରଙ୍କ ସମୟୋପଯୋଗୀ ହସ୍ତକ୍ଷେପକୁ ନିତି ଆୟୋଗ ପ୍ରଶଂସା କରିଥିବାରୁ ସନ୍ତୋଷ ବ୍ୟକ୍ତ କରିଛନ୍ତି । ସଂପ୍ରତି ପ୍ରକାଶିତ ରିପୋର୍ଟ ଅନୁଯାୟୀ ଜାତୀୟସ୍ତରୀୟ ବୁଦ୍ଧିଜୀବୀମାନଙ୍କ ଦ୍ୱାରା ପ୍ରସ୍ତୁତ 'ସର୍ବୋତ୍କୃଷ୍ଟ କୋଭିଡ୍ ଅଭ୍ୟାସ' ତାଲିକାରେ ଓଡ଼ିଶାର 'ମୋ ଜୀବନ' ଓ 'ମୋ ପ୍ରତିଭା' ପରି ଉପଲବ୍ଧିକୁ ସ୍ଥାନ ପାଇଛି ବୋଲି ସେ କହିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ ଜାତିସଂଘ ସ୍ୱେଚ୍ଛାସେବୀ, ଭାରତ ଦ୍ୱାରା ନୂଆପଡ଼ାର ଯଶୋଦା ପାଣ୍ଡେ ଜିଲ୍ଲାରେ ବାଲ୍ୟବିବାହ ରୋକିବା କ୍ଷେତ୍ରରେ ତାଙ୍କର ଉଦ୍ୟମ ପାଇଁ ସମ୍ମାନଜନକ ଭି-ପୁରସ୍କାର ୨୦୨୦ ପାଇଥିବାରୁ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ତାଙ୍କର ଏହି କାର୍ଯ୍ୟ ଦ୍ୱାରା ଅନୁପ୍ରାଣିତ ହୋଇ ଅନେକ ସ୍ୱେଚ୍ଛାସେବୀ ସମାଜରେ ପରିବର୍ତ୍ତନ ଆଣିବା ଦିଗରେ କାର୍ଯ୍ୟ କରିବାକୁ ଉତ୍ସାହିତ ହେବେ ବୋଲି ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର 'ବିଶ୍ୱ ମାଲେରିଆ ରିପୋର୍ଟ ୨୦୨୦'ରେ ଭାରତରେ ମାଲେରିଆ ବିରୋଧୀ ସଂଗ୍ରାମରେ ଓଡ଼ିଶା ଏକ ପ୍ରମୁଖ ରାଜ୍ୟ ଭାବେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବାରୁ ସନ୍ତୋଷ ବ୍ୟକ୍ତ କରିଛନ୍ତି । ମାଲେରିଆ ନିୟନ୍ତ୍ରଣରେ 'ଦମନ' କାର୍ଯ୍ୟକ୍ରମ ପ୍ରମୁଖ ଭୂମିକା ନିର୍ବାହ କରୁଥିବାବେଳେ ଓଡ଼ିଶାରେ ୨୦୧୮ ତୁଳନାରେ ୨୦୧୯ରେ ମାଲେରିଆ ଆକ୍ରାନ୍ତଙ୍କ ସଂଖ୍ୟା ୪୦.୩୫ ପ୍ରତିଶତ ହ୍ରାସ ପାଇଛି ବୋଲି ସେ କହିଛନ୍ତି ।

- ରାଜ୍ୟରେ କୋଭିଡ୍-୧୯ ନିୟମ ଏବଂ ମାର୍ଗଦର୍ଶିକା ଉଲ୍ଲଂଘନ କରିଥିବା ଅଭିଯୋଗରେ ଡିସେମ୍ବର ୪ରୁ ୫ ତାରିଖ ସକାଳ ପର୍ଯ୍ୟନ୍ତ ୨୪ ଘଣ୍ଟା ମଧ୍ୟରେ ଓଡ଼ିଶା ପୋଲିସ ପକ୍ଷରୁ ୭ ଜଣ ବ୍ୟକ୍ତିଙ୍କୁ ଗିରଫ, ୬୦୨ ଟି ଗାଡ଼ି ଜବତ ଏବଂ ୨୭,୨୫,୬୭୫ ଟଙ୍କା ଜରିମାନା ଆଦାୟ କରାଯାଇଛି ।

## ସର୍ବଶେଷ ସ୍ୱାସ୍ଥ୍ୟ ସୂଚନା

- ଗତକାଲି ମଧ୍ୟରାତ୍ରି ସୁଦ୍ଧା ଓଡ଼ିଶାରେ ୬୧,୦୨,୬୫୧ ଟି ନମୁନା କୋଭିଡ୍-୧୯ ପରୀକ୍ଷା କରାଯାଇଛି ।
- ବର୍ତ୍ତମାନ ସୁଦ୍ଧା ସମୁଦାୟ ୩,୨୦,୮୦୩ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି ।
- ୩,୧୪,୬୬୫ ଜଣ ରୋଗୀ ସଂପୂର୍ଣ୍ଣ ସୁସ୍ଥ ହୋଇଛନ୍ତି/ଡାକ୍ତରଖାନାରୁ ଫେରିଛନ୍ତି ।
- ୧୭୬୫ ଜଣ କୋଭିଡ୍-୧୯ ରୋଗୀଙ୍କର ମୃତ୍ୟୁ ହୋଇଛି ।
- ସକ୍ରିୟ ଥିବା ସଂକ୍ରମିତଙ୍କ ସଂଖ୍ୟା ୪,୩୨୦ ରହିଛି ।
- ୪,୩୨୦ ଜଣ ହସ୍‌ପିଟାଲ୍ ଆଇସୋଲେସନ୍‌ରେ ରହିଛନ୍ତି ।

ପଠାଣି ରାଉତ
ସୂଚନା ଅଧିକାରୀ

**'ମାସ୍କ ପିନ୍ଧନ୍ତୁ, ସୁରକ୍ଷିତ ରୁହନ୍ତୁ'**